# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVII YEAR OF OUR LORD JESUS CHRIST, 2025 MAY No.03


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଯିଶାଇୟ ୫୬:୧–୫)

୧ ସଦାପ୍ରଭୁ ଏହି କଥା କହନ୍ତି, ତୁମ୍ଭେମାନେ
ନ୍ୟାୟବିଚାର ପାଳନ କର; ଧର୍ମକର୍ମ କର;
କାରଣ ଆମ୍ଭର ପରିତ୍ରାଣର ଆଗମନ ଓ ଆମ୍ଭ
ଧର୍ମର ପ୍ରକାଶ ସନ୍ନିକଟ ।

୨ ଯେଉଁ ମନୁଷ୍ୟ ଏହା କରେ ଓ ଯେଉଁ ମନୁଷ୍ୟ–
ସନ୍ତାନ ଏହା ଦୃଢ଼ ରୂପେ ଅବଲମ୍ବନ କରେ; ଯେ
ବିଶ୍ରାମବାର ପାଳନ କରି ତାହା ଅଶୁଚି ନ କରେ
ଓ ସବୁ ପ୍ରକାର କୁକର୍ମରୁ ଆପଣା ହସ୍ତକୁ ନିବାରଣ
କରେ, ସେ ଧନ୍ୟ ।

୩ ନିଶ୍ଚୟ ସଦାପ୍ରଭୁ ଆପଣା ଲୋକମାନଙ୍କଠାରୁ
ମୋତେ ପୃଥକ କରିବେ, ଏହା ସଦାପ୍ରଭୁଙ୍କଠାରେ
ଆସକ୍ତ ବିଦେଶୀ ଲୋକ ନ କହୁ; ଅଥବା ଦେଖ,
ମୁଁ ଗୋଟିଏ ଶୁଷ୍କ ବୃକ୍ଷ, ଏହା ନପୁଂସକ ନ କହୁ ।

୪ କାରଣ ନପୁଂସକମାନଙ୍କ ବିଷୟରେ ସଦାପ୍ରଭୁ
ଏହି କଥା କହନ୍ତି, ଯେଉଁମାନେ ଆମ୍ଭର
ବିଶ୍ରାମଦିନ ପାଳନ କରନ୍ତି ଓ ଆମ୍ଭର ତୁଷ୍ଟିକର
ବିଷୟ ମନୋନୀତ କରନ୍ତି ଓ ଆମ୍ଭର ନିୟମ
ଅବଲମ୍ବନ କରନ୍ତି;

୫ ସେମାନଙ୍କୁ ଆମ୍ଭେ ଆମ୍ଭ ଗୃହ ମଧ୍ୟରେ ଓ ଆମ୍ଭ
ପ୍ରାଚୀର ଭିତରେ ପୁତ୍ର କନ୍ୟା ଅପେକ୍ଷା ଉତ୍ତମ
ସ୍ମରଣାର୍ଥକ ସ୍ତମ୍ଭ ଓ ନାମ ଦେବା; ଆମ୍ଭେ
ସେମାନଙ୍କୁ ଅନନ୍ତ– କାଳସ୍ଥାୟୀ ନାମ ଦେବା,
ତାହା କଟା ହେବ ନାହିଁ ।

## ଯଦି ଆପଣ ଆହ୍ୱାନ ଗୁଡ଼ିକର ସମ୍ମୁଖୀନ ହେବା ପାଇଁ ଯଥେଷ୍ଟ ଶକ୍ତିଶାଳୀ ଅଟନ୍ତି,

## ତେବେ ସତର୍କ ରହନ୍ତୁ !

IF YOU ARE STRONG ENOUGH TO FACE CHALLENGES, BE CAREFUL!

ଭଉଣୀ ଏଞ୍ଜେଲ୍



"ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର" ସମସ୍ତ ସଂପ୍ରସାରିତ ପରିବାର ସଦସ୍ୟମାନଙ୍କୁ ଅଭିବାଦନ ।

ଆମର ପିତା ଈଶ୍ୱର ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଆପଣମାନଙ୍କ ପ୍ରତି ଅନୁଗ୍ରହ ଓ ଶାନ୍ତି ବର୍ତ୍ତୁ ।

ଏଇ ନିକଟରେ ମୁଁ ମୋର ପାସପୋର୍ଟକୁ ହଜାଇ ଦେଇ ପ୍ରତ୍ୟେକ ସ୍ଥାନରେ ଖୋଜିଥିଲି, ମାତ୍ର ପାଇ ପାରୁ ନ ଥିଲି । ମୁଁ ଏହାକୁ ଯେଉଁଠାରେ ଛାଡ଼ିଥିଲି, ତାହା ମୋର ମନେ ଥିଲା, ମାତ୍ର ସେଠାକୁ ଯାଇ ଖୋଜିବା ସମୟରେ, ତାହା ମିଳି ନ ଥିଲା । ମୁଁ ପ୍ରତ୍ୟେକ କୋଣ ଓ ଅନୁକୋଣ ଖୋଜି ଖୋଜି ଚିନ୍ତିତ ହୋଇ ପଡ଼ିଥିଲି । ହଜିଯାଇଥିବା ମୋର ପାସପୋର୍ଟ ମୋର ଚିନ୍ତାକୁ ଅଧିକାର କରିଥିଲା – ମୁଁ ଜାଗ୍ରତ ଅବସ୍ଥାରେ କିମ୍ବା ନିଦ୍ରିତ ଅବସ୍ଥାରେ କୌଣସି କାର୍ଯ୍ୟରେ ମନୋନିବେଶ କରିପାରୁ ନ ଥିଲି । ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ଯେ ଏହାକୁ ମୁଁ ଅତି ଆବଶ୍ୟକ କରୁଥିଲି । ଗୋଟିଏ ନୂତନ ପାସପୋର୍ଟ ପାଇଁ ଆବେଦନ କରିବାକୁ କିମ୍ବା ପରେ, ଧୀରେ ସୁସ୍ଥେ ଏହା ଖୋଜିବାକୁ ମୋ' ପାଖରେ ସମୟ ନ ଥିଲା ।

ମୁଁ ଗୃହ ଭିତରେ ପାଗଳ ପ୍ରାୟ ଖୋଜୁଥିବା ସମୟରେ, ଲୂକ ୧୫ ଅଧ୍ୟାୟରେ ଥିବା ହଜା ମେଷ, ହଜା ମୁଦ୍ରା ଓ ଅପବ୍ୟୟୀ ପୁତ୍ର ସମ୍ବନ୍ଧୀୟ କାହାଣୀଗୁଡ଼ିକ ମୋର ମନେ ପଡ଼ିଲା । ମୁଁ ଯେତେ ଥର ସେହି ହଜା ମେଷ ବିଷୟରେ

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ୟୁ–ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!


ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

* Please Subscribe and Share *

ECHO OF HIS CALL - (1969-2019 GOLDEN JUBILEE YEAR)



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

REACHING NATIONS

"ତୁମ୍ଭେ ସଦାପ୍ରଭୁଙ୍କ ଉପରେ ଆପଣା ଭାର ପକାଅ, ତହିଁରେ ସେ ତୁମ୍ଭକୁ ସମ୍ଭାଳିବେ, ସେ ଧାର୍ମିକକୁ କଦାପି ବିଚଳିତ ହେବାକୁ ଦେବେ ନାହିଁ" (ଗୀତସଂହିତା ୫୫:୨୨) ।



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

## ଯୀଶୁ ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ଗୌରବମୟ ନାମରେ ଆପଣମାନଙ୍କ ସମସ୍ତଙ୍କୁ ଅଭିବାଦନ ।

ଆମେ "ଆହ୍ୱାନର ପ୍ରତିଧ୍ୱନି" ପୂର୍ବ ସଂଖ୍ୟାରୁ ଆପଣମାନେ ପାଇଥିବା ଆଶୀର୍ବାଦ ବିଷୟରେ ଆପଣମାନଙ୍କର ପ୍ରତିକ୍ରିୟାଗୁଡ଼ିକୁ ଗଭୀରଭାବେ ପ୍ରଶଂସା କରୁଅଛୁ । ଆପଣମାନଙ୍କର ପ୍ରାର୍ଥନା ଓ ସହାୟତା ଆମ ପାଇଁ ଅତିରିକ୍ତ ଅର୍ଥପୂର୍ଣ୍ଣ ଅଟେ ଓ ଆମେ ସେଗୁଡ଼ିକୁ ନିରନ୍ତର ଚାହୁଁ । ସଦାପ୍ରଭୁ ଆପଣମାନଙ୍କୁ ବହୁଳଭାବରେ ଆଶୀର୍ବାଦ କରନ୍ତୁ ! ଗତମାସ, ଈଶ୍ୱରଙ୍କର ପ୍ରଚୁର ଅନୁଗ୍ରହ ଦ୍ୱାରା, ଅନେକ ସେବକୀୟ କାର୍ଯ୍ୟକ୍ରମ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପରିସର ମଧ୍ୟରେ ସଫଳ ଭାବରେ ଅନୁଷ୍ଠିତ ହୋଇଥିଲା, ଯଥା – ୟୁଥ୍‌କ୍ୟାମ୍ପ, ଖୋଲା ପଡ଼ିଆରେ ସଭା, ପିଲାମାନଙ୍କର ସେବାକାର୍ଯ୍ୟ, ଚର୍ଚ୍ଚ ଅଫ୍ ଗଡ୍ ସେବାକାର୍ଯ୍ୟ ଓ ଆମ ସ୍କୁଲର ବାର୍ଷିକ ଉତ୍ସବ । ଶିଶୁ ଶ୍ରେଣୀର ଛାତ୍ର ଛାତ୍ରୀଙ୍କର ଉପାଧି ପ୍ରଦାନ ଓ ସ୍କୁଲର ବାର୍ଷିକ ଉତ୍ସବ ଯଥାକ୍ରମେ ଏପ୍ରିଲ ୧୧ ଓ ଏପ୍ରିଲ ୧୭ରେ ଅନୁଷ୍ଠିତ ହୋଇଥିଲା । ପବିତ୍ର ଆତ୍ମାଙ୍କ ଉପସ୍ଥିତି ଓ ଚାଳନା ଏହିସବୁ ସମାବେଶଗୁଡ଼ିକ ମଧ୍ୟରେ ଶକ୍ତିପୂର୍ଣ୍ଣ ଭାବରେ ସ୍ପଷ୍ଟ ଥିଲା ।



ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ପରିସରରେ ୟୁଥ କ୍ୟାମ୍ପ




ଖୋଲା ପଡ଼ିଆ ସଭାରେ ପାଳକ ଏସ୍ ସାମ୍ ସେଲ୍‌ଭାରାଜଙ୍କ ବକ୍ତୃତା

ଚର୍ଚ୍ଚ ଅଫ୍ ଗଡ୍ ସେବାକାର୍ଯ୍ୟ ଓ ପିଲାମାନଙ୍କର ସେବାକାର୍ଯ୍ୟ ଭେଲାଚେରୀରେ ନିହିମିୟା ବାଇବଲ କଲେଜ ପରିସରଠାରେ ଉନ୍ନତତର ହେବାରେ ଲାଗିଛି । ଆମେ ଖୁସିର ସହିତ ଏହି ଘୋଷଣା କରୁଅଛୁ ଯେ ଥିଓଲୋଜିରେ ଏକ ବର୍ଷିଆ ଡ଼ିପ୍ଲୋମା ପାଠ ନିମ୍ନଲିଖିତ ପନ୍ଥା ସହିତ ୨୦୨୫ ଜୁନ୍ ୨ ତାରିଖରୁ ଅବ୍ୟାହ ରହିବ ।

### (କ) ଆବାସିକ (ହିନ୍ଦୀ ମାଧ୍ୟମ) – ଭେଲାଚେରୀ କ୍ୟାମ୍ପସ୍

ସେହି ଯୋଗ୍ୟ ପୁରୁଷ ପ୍ରାର୍ଥୀଙ୍କ ପାଇଁ ଉନ୍ମୁକ୍ତ ଯେଉଁମାନେ ସେମାନଙ୍କ ନିଜ ନିଜ ଅଞ୍ଚଳରେ ପ୍ରଭୁଙ୍କର ସେବା କରିବା ପାଇଁ ଇଚ୍ଛୁକ ଅଟନ୍ତି । ପୃଷ୍ଠପୋଷକତା ଯୋଗ୍ୟ ଛାତ୍ରମାନଙ୍କ ପାଇଁ ଉପଲବ୍ଧ ଅଟେ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

## (ଖ) ସାଂଧ୍ୟ ବାଇବଲ କଲେଜ (ତାମିଲ ମାଧମ – ଆବାସିକ ନୁହେଁ)

ଏହି ପାଠ ପଢ଼ା ପ୍ରତି ସୋମବାର, ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ୬.୦୦ ରୁ ସନ୍ଧ୍ୟା ୮.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

**ସ୍ଥାନ : ଚେପକ୍ ଓ ସନ୍ତୋଷପୁରମ୍ ନିହିମିୟା ବାଇବଲ କଲେଜ**

ଏହା ସହିତ, ତାମିଲ ସାଂଧ୍ୟ ପାଠ୍ୟକ୍ରମଗୁଡ଼ିକୁ ୨୦୨୫–୨୦୨୬ ଶିକ୍ଷା ବର୍ଷରୁ ଆରମ୍ଭ କରି ଭେଲାଚେରୀଠାରେ ଶିକ୍ଷା ଦିଆଯିବ ।

ଆମେ ଏହି ଆତ୍ମିକ କାର୍ଯ୍ୟକ୍ରମଗୁଡ଼ିକ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ଓ ଯୋଗ୍ୟ ପ୍ରାର୍ଥୀମାନଙ୍କ ନିକଟରେ ସେଗୁଡ଼ିକୁ ଜଣାଇବା ପାଇଁ ଉତ୍ସାହିତ କରୁଅଛୁ ।

## ଆହ୍ୱାନର ପ୍ରତିଧ୍ୱନିର ଡିଜିଟାଲ ରୂପ :

ଆମକୁ ସରକାରୀ ଆଦେଶ ଅନୁସାରେ ସଂଶୋଧିତ ମହଙ୍ଗା ଡାକ ଖର୍ଚ୍ଚ ବହନ କରିବାକୁ ପଡୁଥିବାରୁ ଓ ଏହା ଆମ ଆର୍ଥିକ ସାମର୍ଥ୍ୟର ଊର୍ଦ୍ଧ୍ୱରେ ରହିଥିବାରୁ, ଆମେ ୨୦୨୬ରୁ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ଏକ ଡିଜିଟାଲ୍ ଫର୍ମାଟକୁ ପରିବର୍ତ୍ତିତ କରିବା ପାଇଁ ଯୋଜନା କରୁଅଛୁ । ପ୍ରିଣ୍ଟିଂ ଖର୍ଚ୍ଚ ଓ ଉପକରଣଗୁଡ଼ିକର ମୂଲ୍ୟ ମଧ ବୃଦ୍ଧି ପାଇବାରେ ଲାଗିଛି । ଅର୍ଥନୈତିକ ଚାପ ଯୋଗୁ ଆମେ ଏହି ଖର୍ଚ୍ଚଗୁଡ଼ିକୁ ବହନ କରିବା ପାଇଁ, କ୍ରମଶଃ କଷ୍ଟ ଅନୁଭବ କରୁଅଛୁ ।

ବାସ୍ତବରେ ଆଗ୍ରହୀ ଥିବା ସମସ୍ତ ପାଠକ ପାଠିକା ଯେପରି ସଙ୍ଗେ ସଙ୍ଗେ ପତ୍ରିକା ପାଇବେ, ଏହି ବିଷୟରେ ସୁନିଶ୍ଚିତ ହେବା ପାଇଁ, ଆମେ ଏହାକୁ ସାମାଜିକ ଗଣ ମାଧମ, ଇ–ମେଲ୍, ହ୍ୱାଟସ୍ ଆପ୍, ସ୍ୱତନ୍ତ୍ର ଡ଼ାକ ଓ କୋରିଅର ମାଧମରେ ବଣ୍ଟନ କରିବୁ ।

ଏହି ପରିବର୍ତ୍ତନକୁ ସୁବିଧାଜନକ କରିବା ପାଇଁ, ଆମେ ଆପଣମାନଙ୍କୁ ନିମ୍ନଲିଖିତ ବିବରଣୀ ଜଣାଇବା ପାଇଁ ଅନୁରୋଧ କରୁଅଛୁ :

୧/ ଆପଣଙ୍କର ସଂପୂର୍ଣ୍ଣ ଓ ସଠିକ୍ ଡାକ ଠିକଣା ।

୨/ ଆପଣଙ୍କର ସଠିକ୍ ଫୋନ୍ ନମ୍ବର ଓ ହ୍ୱାଟସ୍ ଆପ୍ ନମ୍ବର ।

୩/ ଆପଣଙ୍କର ସଠିକ୍ ଇ–ମେଲ୍ ଆଡ୍ରେସ (ଯଦି ସମ୍ଭବ) ।

ଦୟାକରି, ଏହି ସମସ୍ତ ତଥ୍ୟ ସଠିକ୍ ଭାବେ ଦିଆଯାଇଛି ବୋଲି ସୁନିଶ୍ଚିତ କରନ୍ତୁ, ନଚେତ୍ ଆପଣମାନେ ହୁଏତ ଆଗାମୀ ସଂସ୍କରଣଗୁଡ଼ିକ ପ୍ରାପ୍ତ ହେବେ ନାହିଁ । ଏହି ତଥ୍ୟଗୁଡ଼ିକ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ" ସହିତ ନିୟମିତ ଯୋଗାଯୋଗରେ ରହି ସାରିଥିବା ପାଠକମାନଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ । ଆମେ ଆମର ବହୁମୂଲ୍ୟ ସଂପର୍କଗୁଡ଼ିକ ଅବ୍ୟାହତ ଓ ସଂରକ୍ଷିତ ରଖିବା ପାଇଁ ଆଗ୍ରହୀ ଅଟୁ ।

## ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ ପାଇଁ ପ୍ରାର୍ଥନା ଅନୁରୋଧ :

ଆମେ ନିମ୍ନଲିଖିତ ସେବାକାର୍ଯ୍ୟ ପାଇଁ ଅତି ଆନ୍ତରିକ ଭାବରେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ।

### ଯୋଶୁଆ ୱାରିୟର୍ସ ଇଣ୍ଟର ନେସନାଲ

୧. ଗୋଟିଏ ମିନିଟର ପ୍ରାର୍ଥନା ଉଦ୍ୟମ (ଗ୍ଲୋବାଲ ଭିଜନ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର୍) – ପ୍ରତିଦିନ ରାତ୍ରି ୧୦ଟାରେ ଅନୁଷ୍ଠିତ ହେଉଥିବା ଯୁବା ଓ ପିଲାମାନଙ୍କ ପାଇଁ ଏକ ବୈଶ୍ୱିକ ଦର୍ଶନ ।

୨. ଏକ ଘଣ୍ଟିଆ ନିରବଚ୍ଛିନ୍ନ ପ୍ରାର୍ଥନା – ପୃଥିବୀସ୍ଥ ସମସ୍ତ ମଣ୍ଡଳୀ ଓ ବିଶ୍ୱାସୀମାନଙ୍କ ପ୍ରତି ସମର୍ପିତ ।

୩. ଶିକ୍ଷାଧିବେଶନ, କ୍ୟାମ୍ପସ, ଓ କର୍ମଶାଳା ଯେପରି ସେମାନେ ଫଳପୂର୍ଣ୍ଣ ଓ ଆତ୍ମା–ଚାଳିତ ହେବେ ।

ଆମର ଅନେକ ସାଥୀ ଓ ମିଶନେରୀମାନେ ବିଶ୍ୱ ସ୍ତରରେ କାର୍ଯ୍ୟ କରୁଛନ୍ତି । ଆମେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସେବା କରିବା ପାଇଁ ଏହି ମିଶନ୍‌ରେ ଯୋଗ ଦେବା ନିମନ୍ତେ ଆପଣମାନଙ୍କୁ ଆମନ୍ତ୍ରଣ କରୁଅଛୁ ।

## ଛୁଟୀଦିବସୀୟ ବାଇବଲ ସ୍କୁଲ (ଭି.ବି.ଏସ୍.) ୨୦୨୫, ମଇ

ଏହି ମାସ ଆମର ମଣ୍ଡଳୀ ଓ ଅନ୍ୟ ମଣ୍ଡଳୀଗୁଡ଼ିକରେ ଅନୁଷ୍ଠିତ ହେବାକୁ ଯାଉଥିବା ଛୁଟୀଦିବସୀୟ ବାଇବଲ ସ୍କୁଲଗୁଡ଼ିକ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।

ଚେନ୍ନାଇସ୍ଥିତ ଆମ ମଣ୍ଡଳୀ ନିମନ୍ତେ ଭିବିଏସ୍ – କାର୍ଯ୍ୟସୂଚୀ

୧/ ସନ୍ତୋଷପୁରମ୍ – ଏପ୍ରିଲ ୨୫ ରୁ ମଇ ୦୧

୨/ ଭେଲାଚେରୀ – ଏପ୍ରିଲ ୩୦ ରୁ ମଇ ୦୫

୩/ ବାଲାଜୀନଗର, ପାଲିକାରାନାଇ – ଏପ୍ରିଲ ୩୦ ରୁ ମଇ – ୫

୪/ ଚେପକ – ମଇ ୬ ରୁ ମଇ ୧୨

ଭାଇମାନେ, ଆମ ପାଇଁ ପ୍ରାର୍ଥନା କରନ୍ତୁ

ତାଙ୍କ ସେବାରେ,

**ଆହ୍ୱାନର ପ୍ରତିଧ୍ୱନି ପରିବାର**

E.mail : sam@echoofhiscall.org

## ଜରୁରୀ ଆବଶ୍ୟକ

## ଶିକ୍ଷକଗଣ

**ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସ ସ୍କୁଲ, "ଆହ୍ୱାନର ପ୍ରତିଧ୍ୱନି"ର ଏକ ଅନୁଷ୍ଠାନ ବିଜୟନଗରମ୍, ମେଡ଼ାଭକ୍କମ, ଚେନ୍ନାଇ – ୧୦୦**

ଆମେ ସୁଯୋଗ୍ୟ, ଅଭିଜ୍ଞ, ସମର୍ପିତ, ପରିଶ୍ରମୀ ଓ ମିଶନ–କୈନ୍ଦ୍ରିକ ଖ୍ରୀଷ୍ଟିଆନ ଆବଶ୍ୟକ କରୁଅଛୁ ।

ବାୟୋଡାଟା ସହିତ ଆବେଦନ କରନ୍ତୁ : ଇ–ମେଲ, ହ୍ୱାଟସ୍ଆପ୍

E.mail: sam@echoofhiscall.org
WhatsApp: (+91) 98412 71858




## ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତ୍‌ରେ "ଆହ୍ୱାନର ପ୍ରତିଧ୍ୱନି"କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତି ଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ–ମେଲ ଓ ହ୍ୱାଟସ୍ଆପ୍ ନମ୍ବର, ପତ୍ର, ଇ–ମେଲ, ଫୋନ୍ କିମ୍ବା ଏସ୍ଏମ୍ଏସ୍/ ହ୍ୱାଟସ୍ଆପ୍ ମେସେଜ୍ ମାଧମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
10, Mohammed Abdullah 2nd Street, Chepauk, Chennai-600 005, India
Cell: (+91) 98412 71858 / 98410 71858 E.mail: sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ପଡ଼ିଲି, ସେତେ ଥର ମୁଁ ଏହା ଭାବିବାରେ ଲାଗିଲି : ମେଷପାଳକ କାହିଁକି ୯୯ ମେଷଙ୍କୁ ଛାଡ଼ି ଦେଇଥିଲା ?

ସେ କ'ଣ ସେହି ୯୯ ମେଷଙ୍କ ବିଷୟରେ ଯତ୍ନଶୀଳ ନ ଥିଲା ? ମୁଁ ବୁଝୁଛି ଯେ ଗୋଟିଏ ହଜା ମେଷ ନିଶ୍ଚୟ ମୂଲ୍ୟବାନ୍ ହୋଇଥିବ – ମାତ୍ର ତଥାପି, ସେ କାହିଁକି ୯୯ ମେଷଙ୍କୁ ପଛରେ ଛାଡ଼ି ଦେଇଥିଲା ? ଆପଣମାନେ କେବେ ସେଗୁଡ଼ିକ ବିଷୟରେ ଚିନ୍ତା କରିଛନ୍ତି କି ? ୯୯ ମେଷ – ୯ ମୁଦ୍ରା ଓ ଜ୍ୟେଷ୍ଠ ଭ୍ରାତା – ୯୯:୯–୧

ଯଦି ଆପଣ ଏହିପରି ଏକ ପରିସ୍ଥିତିରେ ରହିଥା'ନ୍ତେ, ତେବେ ଗୋଟିଏକୁ ଖୋଜିବା ପାଇଁ ଅନେଶ୍ୱତ୍‌କୁ ଛାଡ଼ି ଦେଇଥା'ନ୍ତେ କି ? ସେ ଯେ କେବେଳ ସେଗୁଡ଼ିକୁ ଛାଡ଼ି ଦେଇଥିଲା, ତା' ନୁହେଁ, ମାତ୍ର ସେମାନଙ୍କୁ ପ୍ରାନ୍ତର ମଧ୍ୟରେ ସୁଦ୍ଧା ଛାଡ଼ି ଦେଇଥିଲା । ତାହା ମୋତେ ଆହୁରି ଅଧିକ ଭାବିବା ପାଇଁ ପ୍ରରୋଚିତ କରିଥିଲା । ଏହା ଏକ ସୁରକ୍ଷିତ ସ୍ଥାନ ନ ଥିଲା – ସେ ସେମାନଙ୍କୁ କୌଣସି ପଶୁଶାଳା କିମ୍ବା କୌଣସି ସୁରକ୍ଷିତ ସ୍ଥାନ ଭିତରେ ଛାଡ଼ି ନ ଥିଲା । ସେମାନେ ହିଂସ୍ର ପଶୁ ଓ ଅନ୍ୟାନ୍ୟ ବିପଦ ଦ୍ୱାରା ପରିବେଷ୍ଟିତ ହୋଇ ଖୋଲା ସ୍ଥାନରେ ରହିଥିଲେ । ସେ ଗୋଟିଏ ମେଷକୁ ଖୋଜୁଥିବା ସମୟରେ ଅନେଶ୍ୱତକୁ ହରାଇ ପାରିଥା'ନ୍ତା ।

ମୁଁ ଯେପରି ଭାବୁଛି, ଅନ୍ୟ କେହି ସେପରି ଭାବୁଥିବେ କି ନାହିଁ, ତା' ମୁଁ ଜାଣି ନାହିଁ । ହୁଏତ ସେହି ହଜାମେଷ ଛୋଟ ଓ କୌତୁହଳୀ ଥିଲା, ଏଣେତେଣେ ବୁଲି ଦେଖିବା ପାଇଁ ଆଗ୍ରହୀ ଥିଲା ଓ ଏହିପରି ବୁଲୁ ବୁଲୁ ହଜି ଯାଇଥିଲା କିମ୍ବା ହୁଏତ, ସେ ବିଦ୍ରୋହୀ ଓ ଅବାଧ୍ୟ ଥିଲା, ସର୍ବଦା ମେଷପାଳକର ଚାଳନାକୁ ଅବଜ୍ଞା କରି ଏଣେ ତେଣେ ଘୁରି ବୁଲୁଥିଲା ।

କାରଣ ଯାହା ହୋଇଥାଉ ନା କାହିଁକି, ମେଷପାଳକ ଗୋଟିଏ ମେଷକୁ ଖୋଜିବା ପାଇଁ ଅନେଶ୍ୱତକୁ ପ୍ରାନ୍ତର ମଧ୍ୟରେ ବିପଜ୍ଜନକ ଅବସ୍ଥାରେ ଛାଡ଼ି ଦେଇଥିଲା । ଏହି ଚିନ୍ତା କିଛି ସମୟ ଧରି ମୋ' ମନ ମଧ୍ୟରେ ରହିଅଛି । ସେ କାହିଁକି ସେହିପରି ମନୋନୟନ କରିଥିଲା, ତା'ର ନିଶ୍ଚୟ କୌଣସି କାରଣ ଥିବ ।

## ୯୯ ମେଷ ଉପରେ ମେଷପାଳକର ଦୃଢ଼ ବିଶ୍ୱାସ :



## ୧. ଏକତାର ଶକ୍ତି !

ସେହି ମେଷପାଳକର ୯୯ ମେଷଙ୍କ ଉପରେ ନିଶ୍ଚୟ ଅତି ପ୍ରଚୁର ବିଶ୍ୱାସ ରହିଥିବାରୁ ସେ ସେମାନଙ୍କୁ ଖୋଲା ପଡ଼ିଆରେ ଛାଡ଼ି ଦେଇଥିଲା । ନିଶ୍ଚୟ ସେ ଏହା ଜାଣିଥିଲା ସେମାନେ ପରସ୍ପରର ପଛରେ ଅଛନ୍ତି – ଏକତ୍ରିତ ରହିଛନ୍ତି ଓ ସବୁ ସମୟରେ ଏକ ଆରେକକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ବିପଦ ସମ୍ମୁଖରେ ସୁଦ୍ଧା, ସେମାନେ ଏକ ଅଭେଦ୍ୟ ଶକ୍ତି ଭାବରେ ଏକତ୍ରିତ ହୋଇପାରିବେ ।



***ଏକତାର ଶକ୍ତି !***

ମେଷପାଳକ ସେମାନଙ୍କୁ ମିଳନରେ ଏକତ୍ର ରହିବାର ଶକ୍ତି ବିଷୟରେ ନିଶ୍ଚୟ ତାଲିମ ଦେଇଥିବ ବୋଲି ମୁଁ ସୁନିଶ୍ଚିତ ଅଟେ । ଯଦି ଗୋଟିଏ ମେଷକୁ ଆକ୍ରମଣ କରାଯିବ, ତେବେ ଅନ୍ୟ ୯୮ ସ୍ୱଭାବ ବଶତଃ, ତାକୁ ସାହାଯ୍ୟ କରିବା ପାଇଁ ଦୌଡ଼ି ଆସିବେ – ଭୟଙ୍କର ଭାବେ ସୁରକ୍ଷାତ୍ମକ ଓ ସେମାନଙ୍କ ପ୍ରତିରକ୍ଷା ବିଷୟରେ ଅଟଳ ରହିଥିବେ । ଏକତାରେ ମହା ଶକ୍ତି ଅଛି ।

ମେଷପାଳକ ଏହା ମଧ୍ୟ ବୁଝିଥିଲେ ଯେ ଯିଏ ହଜିଯାଇଛି, ସେ ହିଁ ବିପଦରେ ଅଛି – ସେ ଏକାକୀ ଅଛି, ତାକୁ ସାହାଯ୍ୟ ଓ ରକ୍ଷା କରିବା ପାଇଁ କେହି ନାହିଁ । କେବଳ ବାହ୍ୟ ବିପଦ ଯୋଗୁ ନୁହେଁ, ମାତ୍ର ନିଃସଙ୍ଗତାର ଭାର ଯୋଗୁ ମଧ୍ୟ ତା'ର ବଞ୍ଚିବାର ଆଶା କ୍ଷୀଣ ଅଟେ । ନିଃସଙ୍ଗ ହେବାର ଅର୍ଥ ଏକ ବିପଜ୍ଜନକ ସ୍ଥାନରେ ରହିବା । ସେଥିପାଇଁ ବାଇବଲ ଆମକୁ ଏକତ୍ରିତ ରହିବା ପାଇଁ ଉତ୍ସାହିତ କରିଛି :

**"ପୁନଶ୍ଚ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ପୃଥିବୀରେ ତୁମ୍ଭମାନଙ୍କ ମଧ୍ୟରୁ ଦୁଇ ଜଣ ଯେ କୌଣସି ବିଷୟରେ ଏକମନା ହୋଇ ଯାହା କିଛି ମାଗିବେ, ତାହା ମୋହର ସ୍ୱର୍ଗସ୍ଥ ପିତାଙ୍କ କର୍ତ୍ତୃକ ସେମାନଙ୍କ ପ୍ରତି ଘଟିବ"** (ମାଥିଉ ୧୮:୧୯) ।

**"କାରଣ ଯେଉଁ ସ୍ଥାନରେ ଦୁଇ କି ତିନି ଜଣ ମୋ' ନାମରେ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି"** (ମାଥିଉ ୧୮:୨୦) ।

**"ଦେଖ, ଭାଇମାନେ ମିଳନରେ ଏକତ୍ର ବାସ କରିବା କିପରି ଉତ୍ତମ ଓ ମନୋହର"** (ଗୀତ ୧୩୩:୧) ।

ବେଳେ ବେଳେ ଆମେ ଏହା ଅନୁଭବ କରିପାରୁ ଯେ ଆମ ମୂଲ୍ୟବୋଧରେ ସମ୍ମତ ନ ଥିବା, ଆମକୁ ପ୍ରଶଂସା କରୁ ନ ଥିବା, କିମ୍ବା ଆମକୁ ବାସ୍ତବରେ ପ୍ରେମ କରୁ ନ ଥିବା ଲୋକମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ରହିବା ଅପେକ୍ଷା ବରଂ ଏକାକୀ ରହିବା ଶ୍ରେୟସ୍କର ଅଟେ । ବିଶେଷ ଭାବରେ, ଯେତେବେଳେ ଆମର ନିକଟତମ ବ୍ୟକ୍ତିମାନେ ଆମ ପ୍ରତି ବିଶ୍ୱାସଘାତକତା କରନ୍ତି କିମ୍ବା ଆମକୁ ଆଘାତ ଦେଇ, ପୁନର୍ବାର କାହାକୁ ବିଶ୍ୱାସ କରିବା ଆମ ପାଇଁ କଷ୍ଟକର କରି ଦିଅନ୍ତି, ସେତେବେଳେ ଏହା ଅତି ଯନ୍ତ୍ରଣାପୂର୍ଣ୍ଣ ହୋଇଥାଏ ।

ପ୍ରିୟ ଭାଇ ଓ ଭଉଣୀମାନେ, ଯଦି ଆପଣମାନେ ଏହାର ଅନୁଭୂତି ପାଇଛନ୍ତି କିମ୍ବା ବର୍ତ୍ତମାନ ଏହା ମଧ୍ୟ ଦେଇ ଗତି କରୁଛନ୍ତି, ତେବେ ପ୍ରଭୁ ଆପଣମାନଙ୍କର କ୍ଷତ ସୁସ୍ଥ କରନ୍ତୁ ବୋଲି ମୁଁ ପ୍ରାର୍ଥନା କରୁଅଛି । ଯୀଶୁ ନିଜେ କ୍ରୁଶ ପଥରେ ଯିବା ସମୟରେ ବିଶ୍ୱାସଘାତକତା ସହ୍ୟ କରିଥିଲେ, ସେଥିପାଇଁ ସେ ଆପଣମାନଙ୍କର ଯନ୍ତ୍ରଣା, ଦ୍ୱିଧା ଓ ସନ୍ଦେହକୁ ବୁଝନ୍ତି ।

ହଁ, ଏହି ଜଗତରେ ଲୋକମାନଙ୍କୁ ବିଶ୍ୱାସ କରିବା କଷ୍ଟକର ହୋଇପାରେ । ଦୁଃଖର ବିଷୟ, ଏହି ଗୋଟିଏ କାରଣରୁ ଅନେକ ଲୋକ ମଣ୍ଡଳୀରେ ଯୋଗ ଦେବା ପାଇଁ କୁଣ୍ଠିତ ହୁଅନ୍ତି । ଯଦି ଆପଣମାନେ ମଣ୍ଡଳୀର ଲୋକମାନଙ୍କ ଯୋଗୁ ଏହାକୁ ଏଡ଼ାଇ ଦେଉଛନ୍ତି, ତେବେ ଦୟାକରି ସେଠାକୁ ଯାଆନ୍ତୁ ବୋଲି ମୁଁ ଆପଣମାନଙ୍କୁ ଉତ୍ସାହିତ କରିବାକୁ ଇଚ୍ଛା କରୁଛି । ଏହା କେବଳ ଗୋଟିଏ ପରାମର୍ଶ ନୁହେଁ, ମାତ୍ର ଈଶ୍ୱରଙ୍କର ଏକ ଆଦେଶ ଅଟେ ।

**"ଆଉ କେହି କେହି ଯେପରି ଆତ୍ମମାନଙ୍କ ମଣ୍ଡଳୀ ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ, ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷତଃ, ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ" (ଏବ୍ରୀ ୧୦:୨୫) ।**

ମଣ୍ଡଳୀରୁ ନିଜକୁ ଦୂରେ ରଖନ୍ତୁ ନାହିଁ । ମନେରଖନ୍ତୁ, ଆମେ ଏକ ତ୍ରୁଟିପୂର୍ଣ୍ଣ ଜଗତରେ ତ୍ରୁଟିପୂର୍ଣ୍ଣ ଲୋକମାନଙ୍କ ମଧ୍ୟରେ ବାସ କରୁଅଛୁ । ମାତ୍ର ତ୍ରୁଟିଶୂନ୍ୟ, ସିଦ୍ଧ ଈଶ୍ୱର ପ୍ରେମ କରିବା ପାଇଁ ଅନୁଗ୍ରହ ଓ ଚିହ୍ନିବା ପାଇଁ ଜ୍ଞାନ ଦେବେ । ପ୍ରେରିତ ୧୨ରେ, ଯେତେବେଳେ ମଣ୍ଡଳୀ ଏକତ୍ର ପ୍ରାର୍ଥନା କରୁଥିଲା, ସେତେବେଳେ ଈଶ୍ୱର ପିତରଙ୍କ ପାଇଁ କାରାଗାରର ଦ୍ୱାର ଖୋଲି ଦେଇଥିଲେ । ବିଶ୍ୱାସୀମାନେ ପ୍ରାର୍ଥନା ଓ ସହଭାଗିତାରେ ମିଳିତ ହେବା ସମୟରେ ମହାଶକ୍ତି ଆସିଥାଏ ।



***ଈଶ୍ୱର ପିତରଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଭାବେ କାରାଗାର ଦ୍ୱାର ଖୋଲିଥିଲେ ।***

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

## ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ମଇ ୧୯ ରୁ ୨୦୨୫ ଜୁନ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ମଇ ୧୯ ⇨ ପିଲାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆମର ଛୁଟୀ ଦିବସୀୟ ବାଇବଲ ସ୍କୁଲ ଉପରେ ଈଶ୍ୱରଙ୍କ ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ମଇ ୨୦ ⇨ ଆବଶ୍ୟକ କରୁଥିବା ଲୋକମାନଙ୍କର ସେବା ପ୍ରତି ସମର୍ପିତ ହୋଇଥିବା ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମ ନିମନ୍ତେ ।

ମଇ ୨୧ ⇨ ଆମର ସମସ୍ତ ଅନୁବାଦକ, ସହଯୋଗୀ ସଂପାଦକ, ସଂଯୋଜକ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ସ୍ୱର୍ଗୀୟ ଦୟା ନିମନ୍ତେ ।

ମଇ ୨୨ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକର ସମସ୍ତ ସଦସ୍ୟଙ୍କ ଉପରେ ଆଶୀର୍ବାଦ ନିମନ୍ତେ ।

ମଇ ୨୩ ⇨ ରାଜନୈତିକ ଓ ଧର୍ମୀୟ ବିରୋଧ ସତ୍ତ୍ୱେ, ଆମ ଖ୍ରୀଷ୍ଟିଆନ ସେବାକାର୍ଯ୍ୟ ବୃଦ୍ଧି ପାଉଥିବାରୁ ।

ମଇ ୨୪ ⇨ ଗଣ୍ଡଗୋଳ ଓ ଯୁଦ୍ଧର ବିପଦ ମଧ୍ୟରେ ସମସ୍ତ ଦେଶ ଉପରେ ଈଶ୍ୱରଙ୍କ ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ମଇ ୨୫ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଈଶ୍ୱରଙ୍କ ଦୟା ନିମନ୍ତେ ।

ମଇ ୨୬ ⇨ ଆମର ୫ ମିନିଟ୍‌ର ୟୁ-ଟ୍ୟୁବ୍ ବାର୍ତ୍ତା ପାଇଁ ସଭ୍ୟ ଓ ସାକ୍ଷ୍ୟ ଗୁଡ଼ିକର କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟା ନିମନ୍ତେ ।

ମଇ ୨୭ ⇨ ୨୦୨୫ ମାର୍ଚ୍ଚ ୨୩ ତାରିଖରେ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲଠାରେ ଅନୁଷ୍ଠିତ ହୋଇଥିବା ଆମର ପୁନରୁଦ୍ଧାର ସଭା ଉପରେ ଆଶୀର୍ବାଦ କରିଥିବାରୁ ।

ମଇ ୨୮ ⇨ ବାଇବଲକୋର (ବାଇବଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ) ଓ ଥିଓଲୋଜିକାଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମର ପ୍ରଭାବ ନିମନ୍ତେ ।

ମଇ ୨୯ ⇨ ଆମ ସେବାକାର୍ଯ୍ୟର ସମସ୍ତ ଆବଶ୍ୟକୀୟ ବିଷୟ ନିମନ୍ତେ ଈଶ୍ୱର ଆଶ୍ଚର୍ଯ୍ୟଜନକ ସାହାଯ୍ୟ ଯୋଗାଇଥିବାରୁ ।

ମଇ ୩୦ ⇨ ସମାଜର ସମସ୍ତ ଶ୍ରେଣୀର ନାରୀମାନଙ୍କ ସଶକ୍ତିକରଣର ସମର୍ଥନ ନିମନ୍ତେ ।

ମଇ ୩୧ ⇨ ଆମ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକ ନିମନ୍ତେ ।

ଜୁନ ୧ ⇨ ୨୦-୨୫-୨୦୨୬ ଶିକ୍ଷାବର୍ଷ ପାଇଁ ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ନିହିମିୟା ବାଇବଲ କଲେଜର ସଫଳ ଆଡମିଶନ ନିମନ୍ତେ ।

ଜୁନ ୨ ⇨ ନିୟମିତ ଭାବରେ ଥିଓଲୋଜିକାଲ ଶିକ୍ଷାଧିବେଶନ ପରିଚାଳନା କରିବା ପାଇଁ ଆମକୁ ସାମର୍ଥ୍ୟ ଦେଇଥିବାରୁ ।

ଜୁନ ୩ ⇨ ୧୯୬୯ ରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ସମର୍ପଣ ଉପରେ ତାଙ୍କର ନିରନ୍ତର ଆଶୀର୍ବାଦ ନିମନ୍ତେ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଜୁନ ୪ ⇨ ଦେଶ ଦେଶ ମଧ୍ୟରେ ଶାନ୍ତି ଓ ଅର୍ଥନୈତିକ ଉନ୍ନତି ନିମନ୍ତେ ।

ଜୁନ ୫ ⇨ ବିଭିନ୍ନ ସାମର୍ଥ୍ୟ ଓ ପରିସରରେ ଆମ ସେବାକାର୍ଯ୍ୟର ସଂପ୍ରସାରଣ ନିମନ୍ତେ ।

ଜୁନ ୬ ⇨ ଖ୍ରୀଷ୍ଟିଆନମାନେ ଯେପରି ଈଶ୍ୱରଙ୍କ ବାକ୍ୟକୁ ନିଜ ନିଜ ଜୀବନରେ ପ୍ରଦର୍ଶନ କରିବେ ଓ ଖ୍ରୀଷ୍ଟ-ସଦୃଶ ଚରିତ୍ର ବିକାଶ କରିବେ ।

ଜୁନ ୭ ⇨ ସମଗ୍ର ପୃଥିବୀରେ ଖ୍ରୀଷ୍ଟିଆନ ଶିକ୍ଷାନୁଷ୍ଠାନଗୁଡ଼ିକ ସୁଖ୍ୟାତି ଓ ସତ୍ୟ ନିଷ୍ଠା ନିମନ୍ତେ ।

ଜୁନ ୮ ⇨ ପ୍ରାର୍ଥନା ଓ ଅର୍ଥଦାନ ମାଧ୍ୟମରେ ଆମ ସେବାକାର୍ଯ୍ୟକୁ ବଞ୍ଚାଇ ରଖିଥିବା ଆମର ସମସ୍ତ ସହାୟକ, ଶୁଭେଚ୍ଛୁ ଓ ବନ୍ଧୁମାନଙ୍କ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ।

ଜୁନ ୯ ⇨ ପୃଥିବୀରେ ତାଙ୍କ ରାଜ୍ୟର ଅଗ୍ରଗତି ପ୍ରତି ନୂତନ ଦର୍ଶନ ନିମନ୍ତେ ।

ଜୁନ ୧୦ ⇨ ଆତ୍ମିକ ଓ ଶାରୀରିକ ବିପଦ ବିରୁଦ୍ଧରେ ସମସ୍ତ ମଣ୍ଡଳୀଗୁଡ଼ିକର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଜୁନ ୧୧ ⇨ ସମସ୍ତ ପରିବାରରେ ଏକତା ଓ ଶାନ୍ତି ନିମନ୍ତେ ।

ଜୁନ ୧୨ ⇨ ସମଗ୍ର ପୃଥିବୀରେ ଦୂରଦର୍ଶନ ଓ ୟୁ-ଟ୍ୟୁବ୍ ପ୍ରଚାରକ ମାନଙ୍କର ଅଭିଷେକ ଓ ଚାଳନା ନିମନ୍ତେ ।

ଜୁନ ୧୩ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍ ଓ ତାଙ୍କ ପରିବାରର ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଜୁନ ୧୪ ⇨ ସମଗ୍ର ପୃଥିବୀର ଦେଶଗୁଡ଼ିକ ମଧ୍ୟରେ ସମସ୍ତ କ୍ଷେତ୍ରରେ ଏକତା ଓ ଅଗ୍ରଗତି ନିମନ୍ତେ ।

ଜୁନ ୧୫ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହାଆଦେଶ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଈଶ୍ୱରଙ୍କ ଦୟା ନିମନ୍ତେ ।

ଜୁନ ୧୬ ⇨ ଆମର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକର ଉତ୍ତମ ସ୍ୱାସ୍ଥ୍ୟ ଓ କଲ୍ୟାଣ ନିମନ୍ତେ ।

ଜୁନ ୧୭ ⇨ ସମଗ୍ର ପୃଥିବୀର ସମସ୍ତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସମସ୍ତ ସରକାରୀ ଅଧିକାରୀ ଯେପରି ଜ୍ଞାନ ଓ ନିଷ୍ଠା ଦ୍ୱାରା ପରିଚାଳିତ ହେବେ ।

ଜୁନ ୧୮ ⇨ ଭୂତାଣୁ ଜନିତ ଜ୍ୱର ଓ ନୂତନ ନୂତନ ସଂକ୍ରାମକ ରୋଗ ବିରୁଦ୍ଧରେ ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରେମ ସମସ୍ତ ବିଷୟ ଆଚ୍ଛାଦନ କରେ ଓ ଆମେ ଏକ ଆରେକକୁ ଆବଶ୍ୟକ କରୁ । ଇଂରାଜୀରେ ଗୋଟିଏ ସୁନ୍ଦର ଉକ୍ତି ଅଛି : ''ଯଦି ଆପଣ କ୍ଷିପ୍ରଗତିରେ ଚାଲିବାକୁ ଇଚ୍ଛା କରୁଛନ୍ତି, ତେବେ ଏକାକୀ ଚାଲନ୍ତୁ । ମାତ୍ର ଯଦି ଆପଣ ଦୂରକୁ ଚାଲି ଚାଲି ଯିବାକୁ ଇଚ୍ଛା କରୁଛନ୍ତି, ତେବେ କୌଣସି ଜଣେ ବ୍ୟକ୍ତିଙ୍କ ସହିତ ଚାଲନ୍ତୁ । ''କିନ୍ତୁ କାହା ସହିତ ଚାଲିବେ ଓ କାହା ସହିତ ସହଭାଗିତା ରଖିବେ, ଏ ବିଷୟରେ ମନୋଯୋଗୀ ହୁଅନ୍ତି କାରଣ ସେମାନେ ଆପଣଙ୍କୁ ପ୍ରଭାବିତ କରିବେ । ସେଥିପାଇଁ ଗୀତସଂହିତା ୧ ଆମକୁ ଉନ୍ନତି କରିବା ନିମନ୍ତେ କେତେକ ଲୋକଙ୍କୁ ଏଡ଼ାଇବା ପାଇଁ ଶିକ୍ଷା ଦେଇଛି । ଏକତା ଅତ୍ୟାବଶ୍ୟକ ଅଟେ, ମାତ୍ର ଭୁଲ୍ ସାଥୀତ୍ୱ ବିପର୍ଯ୍ୟୟ ଦିଗକୁ କଢ଼ାଇ ନେଇପାରେ ।

**ଯୀଶୁ ଖ୍ରୀଷ୍ଟ ଗୋଟିଏ ଗମ୍ଭୀର ପ୍ରାର୍ଥନା ଉତ୍ସର୍ଗ କରିଥିଲେ : ''... ଯେପରି ଆମ୍ଭେମାନେ ଯେ ପ୍ରକାରେ ଏକ, ସେମାନେ ସେ ପ୍ରକାରେ ଏକ ହୁଅନ୍ତି, ମୁଁ ସେମାନଙ୍କଠାରେ, ଆଉ ତୁମ୍ଭେ ମୋ'ଠାରେ – ଯେପରି ସେମାନେ ସିଦ୍ଧ ହୋଇ ଏକ ହୁଅନ୍ତି'' (ଯୋହନ ୧୭:୨୨–୨୩) ।**

ଗୋଟିଏ ହଜା ମେଷ ପଛରେ ମେଷପାଳକର ଅନୁଧାବନ ଈଶ୍ୱରଙ୍କର ଅପରିବର୍ତ୍ତନୀୟ ଦୟାର ଏକ ଶକ୍ତିପୂର୍ଣ୍ଣ ଦୃଷ୍ଟାନ୍ତ ହୋଇଥିବା ସମୟରେ, ୯୯ ମେଷ ପୁନର୍ମିଳନରେ ଆନନ୍ଦ କରିବା ପାଇଁ ଉଦ୍ଦିଷ୍ଟ ଏକ ବୃହତ୍ତର ସମାଜର ପ୍ରତିନିଧିତ୍ୱ କରେ । ଯେତେବେଳେ ଜଣେ ସଦସ୍ୟ ଫେରି ଆସେ, ସେତେବେଳେ କେବଳ ଉଦ୍ଧାରପ୍ରାପ୍ତ ବ୍ୟକ୍ତି ନୁହେଁ, ମାତ୍ର ସମଗ୍ର ପଲ ଆନନ୍ଦ କରେ । ଏହା ଆମକୁ ଏହି ବିଷୟ ଶିକ୍ଷା ଦିଏ ଯେ ଈଶ୍ୱର ପ୍ରତ୍ୟେକ ବ୍ୟକ୍ତିକୁ ଗୁରୁତ୍ୱ ଦିଅନ୍ତି ଓ ପୁନରୁଦ୍ଧାର ଏକ ସାମାଜିକ ଘଟଣା ଅଟେ – ଆନନ୍ଦ କରିବା ପାଇଁ ଓ ଅନ୍ୟମାନଙ୍କୁ ପଲ ମଧ୍ୟକୁ ଆଣିବାରେ ଅଂଶଗ୍ରହଣ କରିବା ପାଇଁ ଏକ ଆହ୍ୱାନ ଅଟେ ।

## ୨. ସତର୍କତା ଓ ସକ୍ରିୟ ପୁନରୁଦ୍ଧାର ପାଇଁ ଏକ ଆହ୍ୱାନ

୯୯ ମେଷ ସତର୍କ ଓ ଜାଗ୍ରତ ରହିଥିବେ ବୋଲି ମେଷପାଳକ ଆଶା କରିଛି । ପ୍ରଥମରେ, କେହି ଜଣେ ପଥ ଭ୍ରଷ୍ଟ ହେବା ଆରମ୍ଭ କରିବା ସମୟରେ, ତା' ପ୍ରତି ଲକ୍ଷ୍ୟ ରଖିବା ପାଇଁ ଓ ତାକୁ କୋମଳଭାବେ ଫେରାଇ ଆଣିବା ପାଇଁ ସେମାନଙ୍କୁ ଆହ୍ୱାନ କରାଯାଇଛି । ୯୯ ଜଣ ଏକ ବଡ଼ ଦାୟିତ୍ୱ ବହନ କରନ୍ତି – ଗୋଟିଏ ହଜି ଯାଇଛି ବୋଲି ମେଷପାଳକ କିପରି ଜାଣିବେ ? ନିଶ୍ଚୟ, ସେମାନଙ୍କ ମଧ୍ୟରୁ ଅନ୍ତତଃ, ଜଣେ ସତର୍କ ଧ୍ୱନି କରିଥିବ । ହୁଏତ, ଏହା ସେହି ହଜା ମେଷର ମା, ଭାଇ, ଭଉଣୀ, ବନ୍ଧୁ, ଅଜା/ଆଇ କିମ୍ବା ପତି/ପତ୍ନୀ ହୋଇଥିବ । ଯଦି ଏହା ଗୋଟିଏ ବୟସ୍କ ମେଷ ହୋଇଥିବ, ତେବେ ଛୋଟମାନେ ଏହା ଲକ୍ଷ୍ୟ କରି ମେଷପାଳକକୁ ସୂଚନା ଦେଇଥିବେ ।

ସେହି ୯୯ ଜଣ ସତର୍କ ରହନ୍ତୁ ବୋଲି ଯୀଶୁ ଖ୍ରୀଷ୍ଟ ଆଶା କରନ୍ତି । ଯଦି ଆପଣ ନିଜକୁ ସେହି ୯୯ ଜଣଙ୍କ ମଧ୍ୟରୁ ଜଣେ ବୋଲି ବିଚାର କରନ୍ତି, ତେବେ ହଜି ଯାଇଥିବା ବ୍ୟକ୍ତି ପ୍ରତି ଆପଣଙ୍କର ଏକ କର୍ତ୍ତବ୍ୟ ଅଛି । ଆମକୁ ଆମର ପରିବାର ସଦସ୍ୟ, ବନ୍ଧୁବର୍ଗ ଓ ସର୍ବୋପରି, ଆମ ମଣ୍ଡଳୀ ସମାଜ ପ୍ରତି ମନୋଯୋଗୀ ହେବାକୁ ପଡ଼ିବ । ପ୍ରାୟତଃ, ଆମେ ଏହା ଭାବୁ ଯେ ଆମ ଚତୁପାର୍ଶ୍ୱସ୍ଥ ଲୋକମାନେ ସେମାନଙ୍କର ବିଶ୍ୱାସରେ ସୁରକ୍ଷିତ ଅଛନ୍ତି, ମାତ୍ର ୯୯ ଜଣଙ୍କ ମଧ୍ୟରେ ସୁଦ୍ଧା, କେତେଜଣ ପଥଭ୍ରଷ୍ଟ ହୋଇ ପାରନ୍ତି, ଜାଗ୍ରତ ରହନ୍ତୁ ।

**''ସେ ବ୍ୟକ୍ତି ଦେଶ ବିରୁଦ୍ଧରେ ଖଡ୍‌ଗ ଆସିବାର ଦେଖିଲେ, ଯେବେ ତୂରୀ ବଜାଏ ଓ ଲୋକମାନଙ୍କୁ ସଚେତନ କରେ...'' (ଯିହିଜିକଲ ୩୩:୩–୯) ।**

ସେହିପରି ଭାବରେ, ୯୯ ଜଣଙ୍କର ପ୍ରତିବଦ୍ଧତା ଆତ୍ମିକ ସନ୍ତୁଷ୍ଟିକୁ ଦୂର କରିବାରେ ସାହାଯ୍ୟ କରେ ଓ ସମାଜର ସାମୂହିକ ସୁସ୍ଥତାକୁ ସୁଦୃଢ଼ କରେ । ଈଶ୍ୱର ଆମକୁ ଆମ ନିଜସ୍ୱ ସ୍ଥାନ ଗୁଡ଼ିକରେ ପ୍ରହରୀ ଭାବରେ ରଖିଛନ୍ତି – ଆସନ୍ତୁ, ଆମେ ଜାଗ୍ରତ ରହିବା ?

## ୩. ଆତ୍ମ–ସନ୍ତୁଷ୍ଟି ଓ ଆତ୍ମ ଧାର୍ମିକତା ବିରୁଦ୍ଧରେ ଏକ ସତର୍କ ବାଣୀ

ବେଳେବେଳେ ଅନେଶ୍ୱତ ଜଣଙ୍କ ଭିତରେ ରହି ସୁରକ୍ଷିତ ଓ ନିରାପଦ ଅନୁଭବ କରିବା ଆମକୁ ଆତ୍ମ–ସନ୍ତୁଷ୍ଟି ଓ ଆତ୍ମ–ଧାର୍ମିକ ମନୋଭାବ ଦିଗକୁ କଢ଼ାଇ ନେଇପାରେ । ଆମେ ଚିନ୍ତା କରିପାରୁ, ''ଓଃ, ମୁଁ ପଲ ଭିତରେ ଅଛି । ମୋ'ଠାରୁ ଯାହା ଆଶା କରାଯାଏ, ତାହା ମୁଁ କରୁଛି । ମୁଁ ମେଷ ପାଳକଙ୍କର ଅନୁସରଣ କରୁଛି ଓ ତାଙ୍କର ବାଧ୍ୟ ହେଉଛି । ମୁଁ ତାହା ସଦୃଶ ନୁହେଁ, ଯିଏ ପଥ ଭ୍ରଷ୍ଟ ହୋଇଅଛି ।'' କିନ୍ତୁ, ଅନେଶ୍ୱତଙ୍କର ନିରାପତ୍ତା ଏକ ଭ୍ରାନ୍ତ ସୁରକ୍ଷାର ଅନୁଭବ ଦେଇପାରେ । ପଲର ଗୋଟିଏ ସଦସ୍ୟ ହେବା ଦ୍ୱାରା ଜଣେ ଆତ୍ମିକ ଭାବରେ ନିରାପଦ କିମ୍ବା ଆତ୍ମ–ପର୍ଯ୍ୟାପ୍ତ ହୁଏ ନାହିଁ ।

ଉପରୋକ୍ତ ଦୃଷ୍ଟାନ୍ତଟି ଏପରି ଧାର୍ମିକମାନଙ୍କୁ ଆହ୍ୱାନ ଜଣାଏ, ଯେଉଁମାନେ ବିଶ୍ୱାସ କରନ୍ତି, ''ମୁଁ ଅନୁତାପ ଆବଶ୍ୟକ କରେ ନାହିଁ, ଓ ସେମାନଙ୍କୁ ଏହା ସ୍ମରଣ କରାଇ ଦିଏ ଯେ ଈଶ୍ୱରଙ୍କ ଅନୁଗ୍ରହ ସମସ୍ତଙ୍କ ପ୍ରତି – ଏପରିକି ସୁରକ୍ଷିତ ମନେ ହେଉଥିବା ଲୋକମାନଙ୍କ ପ୍ରତି ମଧ୍ୟ ଉପଲବ୍ଧ ଅଟେ । ଧର୍ମଶାସ୍ତ୍ରରେ ଲେଖାଅଛି – **''କାରଣ ସମସ୍ତେ ପାପ କରିଅଛନ୍ତି ଓ ଈଶ୍ୱରଙ୍କ ମହିମାରୁ ଊଣା ପଡ଼ିଅଛନ୍ତି'' (ରୋମୀୟ ୩:୨୩)** । ଏହିପରି ଭାବରେ, ୯୯ ଜଣ ଆମ ହୃଦୟରେ ଆତ୍ମ–ସନ୍ତୁଷ୍ଟି କିମ୍ବା ଗର୍ବ ଅଛି କି ନାହିଁ – ଏହା ପରୀକ୍ଷା କରିବା ପାଇଁ ଆମକୁ ପ୍ରରୋଚିତ କରନ୍ତି ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

ECHO OF HIS CALL 1969-2019 GOLDEN JUBILEE REACHING NATIONS

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
Chepauk & Santhoshapuram, Velachery Chennai. ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ
ଥିଓଲୋଜିରେ ଡିପ୍ଲୋମା
ମାଧ୍ୟମ ~ ହିନ୍ଦୀ (Residential) Sponsorship Available
ମାଧ୍ୟମ ~ ତାମିଲ (Part Time)
ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ‘‘ଆପଣଙ୍କ ନିମନ୍ତେ ନୂତନ ଜୀବନ’’ ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା “ଆହ୍ୱାନର ପ୍ରତିଧ୍ୱନି” ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ–ମେଲ, ହ୍ୱାଟସ୍–ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **‘‘ଆହ୍ୱାନର ପ୍ରତିଧ୍ୱନି’’** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*“ଯେ ପାଠ କରେ, ସେ ବୁଝୁ” (ମାଥିଉ ୨୪:୧୫)*

## ଆଶା ତ୍ୟାଗ କରନ୍ତୁ ନାହିଁ ! ପଛଘୁଞ୍ଚା ଦିଅନ୍ତୁ ନାହିଁ !

**“ଆମ୍ଭର ଧାର୍ମିକ ଦାସ ବିଶ୍ୱାସ ଦ୍ୱାରା ବଞ୍ଚିବ, କିନ୍ତୁ ଯଦି କେହି ପଶ୍ଚାଦ୍‌ପଦ ହୁଏ, ତାହା ହେଲେ ଆମ୍ଭର ଆତ୍ମା ତାହାଠାରେ ସନ୍ତୁଷ୍ଟ ନୁହେଁ । ମାତ୍ର ଯେଉଁମାନେ ବିନାଶ ନିମନ୍ତେ ପଶ୍ଚାଦ୍‌ପଦ ହୁଅନ୍ତି, ଆମ୍ଭେମାନେ ସେମାନଙ୍କ ଦଳର ଲୋକ ନୋହୁଁ, କିନ୍ତୁ ଯେଉଁମାନେ ଆତ୍ମାର ପରିତ୍ରାଣ ନିମନ୍ତେ ବିଶ୍ୱାସ କରନ୍ତି, ଆମ୍ଭେମାନେ ସେମାନଙ୍କ ଦଳର ଲୋକ ଅଟୁ” (ଏବ୍ରୀ ୧୦:୩୮,୩୯) ।**

ମୋ’ ସେବାକାର୍ଯ୍ୟର ଆଦ୍ୟ ଦିନଗୁଡ଼ିକରୁ, ମୋ’ ନିକଟରେ ନିର୍ଭର କରିବା ପାଇଁ କୌଣସି ମାନବ ସହାୟତା ନ ଥିବାରୁ, ମୁଁ ମହାକ୍ଳେଶ ସମ୍ମୁଖୀନ ହୋଇଥିଲି ଓ ମୁଁ ଯେଉଁ ଲୋକମାନଙ୍କ ମଧ୍ୟରେ ବାସ କରୁଥିଲି, ସେମାନଙ୍କଠାରୁ ଅକଥନୀୟ କଷ୍ଟ ସହ୍ୟ କରିଥିଲି । ବିନିଦ୍ର ରାତ୍ରି ଓ ଭୟପୂର୍ଣ୍ଣ ଦିନଗୁଡ଼ିକ ମୋତେ ଏହି ପ୍ରଶ୍ନ ପଚାରିବାକୁ ପ୍ରରୋଚିତ କରିଥିଲା – ଈଶ୍ୱର କ’ଣ ପ୍ରକୃତରେ ମୋତେ ଆହ୍ୱାନ କରିଛନ୍ତି ନା’ ମୁଁ ମୋ’ ନିଜ ଇଚ୍ଛାରେ ସେବାକାର୍ଯ୍ୟ ମଧ୍ୟରେ ପ୍ରବେଶ କରିଛି ?

ଏପରି ସମୟ ଥିଲା ଯେତେବେଳେ ମୁଁ କ୍ଷୁଧା ଓ ଶାରୀରିକ ଆକ୍ରମଣ ସହ୍ୟ କରିଥିଲି, ମାତ୍ର ଈଶ୍ୱର ନୀରବ ରହିଥିଲେ । ସେ ମୋ’ ପ୍ରାର୍ଥନାର ଉତ୍ତର ଦେଇ ନ ଥିଲେ । ଅନେକ ସମୟରେ ମୁଁ ପରିତ୍ୟକ୍ତ ବୋଲି ଅନୁଭବ କରିଥିଲି । ମାତ୍ର ସମୟ ଅତିକ୍ରାନ୍ତ ହେବାରୁ, ମୁଁ ବୁଝିବାକୁ ଆରମ୍ଭ କରିଥିଲି ଯେ ତାଙ୍କ ନୀରବତାରେ ମଧ୍ୟ ଏକ ଉତ୍ତର ଥିଲା – ଏହା ଏପରି ଏକ ବିଷୟ ଯାହା ମୋତେ ଜଗତ ଓ ଏହାର ଲୋକମାନଙ୍କ ସମ୍ବନ୍ଧରେ ଶିକ୍ଷା ଦେଇଥିଲା ।

୧୯୭୯ରେ, ମୁଁ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରୁଥିବା ସମୟରେ ଭୟଙ୍କର ବିରୋଧର ସମ୍ମୁଖୀନ ହୋଇଥିଲି । ମୁଁ ଗୋଟିଏ ଭଡ଼ା ଘରେ ପ୍ରାର୍ଥନା ସଭା ଚଳାଉଥିବା ସମୟରେ କେତେକ ବ୍ୟକ୍ତି ଘର ମାଲିକଙ୍କ ନିକଟରେ ମୋ’ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣିଥିଲେ । ସେମାନେ ସେଠାରେ ଆଉ ଲୋକମାନଙ୍କୁ ଏକତ୍ରିତ ନ କରିବା ପାଇଁ ମୋତେ କହିବାକୁ ତାଙ୍କୁ ପ୍ରରୋଚିତ କରିଥିଲେ ।

ଭଗ୍ନ ହୃଦୟର ସହିତ, ମୁଁ ଗୃହକୁ ଫେରି ଆସିଥିଲି ଓ ଦ୍ୱାର ବନ୍ଦ କରି ମୋ’ ରୋଷେଇ ଘର ଓ ସ୍ନାନାଗାରର ସମସ୍ତ ନଳ ଖୋଲି ଦେଇଥିଲି । ମୁଁ ଅତିଶୟ ବିଳାପ କରି ପ୍ରଭୁଙ୍କ ନିକଟରେ କ୍ରନ୍ଦନ କରିଥିଲି । ଜଳ ନିର୍ଗତ ହେବାର ଶବ୍ଦ ଯୋଗୁ ବାହାର ଜଗତକୁ ମୋ’ କ୍ରନ୍ଦନ ଶୁଭି ନ ଥିଲା । ମାତ୍ର ତଥାପି ଈଶ୍ୱର ନୀରବ ହୋଇ ରହିଥିଲେ ।

ମୁଁ ମୋ’ ଜୀବନ ପ୍ରତି ଦୃଷ୍ଟିପାତ କରି ଗୋଟିଏ ପାର୍ଶ୍ୱରେ ଆହ୍ୱାନ ଓ କଷ୍ଟ ସବୁ ଓ ଅପର ପାର୍ଶ୍ୱରେ ସେହି କର୍ତ୍ତାଙ୍କୁ ଦେଖିଲି ଯିଏ ମୋତେ ସେବାକାର୍ଯ୍ୟ ମଧ୍ୟକୁ ଆହ୍ୱାନ କରି ସ୍ଥିର ହୋଇ ଠିଆ ହୋଇଥିଲେ ଓ ମୋତେ କିଛି ସାହାଯ୍ୟ କରୁ ନ ଥିବା ଭଳି ମନେ ହେଉଥିଲେ । ଇତି ମଧ୍ୟରେ, ମୋର ବିରୋଧୀ ମାନେ ଅଧିକ ଶକ୍ତିଶାଳୀ ହୋଇ ମୋତେ ଖୋଲା ଖୋଲି ଭାବେ ପରିହାସ କରୁଥିଲେ । ଏପରିକି, ସେମାନେ ସେହି ସରକାରୀ କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରିଥିଲେ ଯେଉଁଠାରେ ମୁଁ କାର୍ଯ୍ୟ କରୁଥିଲି ଓ ସେଠାରେ ସେମାନେ ମୋର ସହକର୍ମୀମାନଙ୍କ ସମ୍ମୁଖରେ ମୋର ଅପପ୍ରଚାର ଓ ନିନ୍ଦା କରିଥିଲେ ।

ସେମାନେ ମୋ’ ପ୍ରତି ଘଟାଉଥିବା କ୍ଷତି ଯୋଗୁ ମୁଁ ବହୁତ କଷ୍ଟ ପାଇଲି – ବିଚଳିତ, ଭୟଭୀତ ଓ ଭାରାକ୍ରାନ୍ତ ହୋଇଥିଲି । ସେହିଦିନ ମୁଁ ନିରାଶରେ କ୍ରନ୍ଦନ କରିଥିଲି :

“ହେ ଇସ୍ରାଏଲର ସଦାପ୍ରଭୁ, ହେ ଅବ୍ରହାମ, ଇସ୍‌ହାକ୍ ଓ ଯାକୁବଙ୍କ ପରମେଶ୍ୱର ! ମୁଁ ଆଉ ତୁମର ନୀରବତାକୁ ସହି ପାରୁ ନାହିଁ ! ଯଦି ତୁମେ ମୋ’ ପକ୍ଷରୁ କାର୍ଯ୍ୟ କରିବ ନାହିଁ, ତେବେ କିଏ ମୋତେ ସାହାଯ୍ୟ କରିବ ?”

ତଥାପି କୌଣସି ଉତ୍ତର, କୌଣସି ଚାଳନା, କୌଣସି ପ୍ରେରଣା ନ ଥିଲା – କେବଳ ନୀରବତା । ମୋର ଆତ୍ମା ଅତିରିକ୍ତ ବିଚଳିତ ହୋଇଥିଲା । ସେହି ରାତ୍ରିରେ, ବିଷାଦଗ୍ରସ୍ତ ହୋଇ, ମୁଁ ଗୃହର ସମସ୍ତ ଜିନିଷପତ୍ର ଓ ସେବାକାର୍ଯ୍ୟର ପତ୍ରପତ୍ରିକା ସଜାଡ଼ି ସବୁ କିଛି ଛାଡ଼ି ଦେଇ ମୋର ନିଜସ୍ୱ ସ୍ଥାନକୁ ଫେରିଯିବା ପାଇଁ ପ୍ରସ୍ତୁତ ହେଲି ।

**“...ଉତ୍ପୀଡ଼କ ଖଡ୍‌ଗ ଭୟରେ, ସେମାନେ ପ୍ରତ୍ୟେକେ ଆପଣା ଆପଣା ଲୋକଙ୍କ ନିକଟକୁ ଫେରିଯିବେ ଓ ସେମାନେ ପ୍ରତ୍ୟେକେ ଆପଣା ଆପଣା ଦେଶକୁ ପଳାଇବେ” (ଯିରିମିୟ ୫୦:୧୬) ।**

ଠିକ୍ ଭୋର ୨ଟାରେ, ମୋ’ ଦ୍ୱାରରେ କେହି ଜଣେ ଆଘାତ କରୁଥିବାରୁ ମୁଁ ଶୁଣିଲି । ମୋର ହାତ ଥରୁଥିଲା ଓ ମୁଁ ଉଭୟ ଅସହାୟ ଓ ଶଙ୍କିତ ଥିଲି । ଶେଷରେ ମୁଁ ଦ୍ୱାର ଖୋଲିଲି ଓ ଧଳା ଦାଢ଼ୀ ଥିବା ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଠିଆ ହୋଇଥିବାର ଦେଖିଲି । ସେ କାନ୍ଧରେ ଗୋଟିଏ ମୁଣି ଓ ଗୋଟିଏ ଖାଦ୍ୟ ପୁଡ଼ିଆ ଧରିଥିଲେ ।

ମୁଁ ପଚାରିଲି, “ଆପଣ କିଏ ? ଆପଣ କେଉଁ କାରଣରୁ ଏହି ସମୟରେ ଏଠାକୁ ଆସିଛନ୍ତି ?” ମୁଁ ଏହା ମଧ୍ୟ କହିଲି ଯେ ଈଶ୍ୱର ମୋର ପ୍ରାର୍ଥନାର ଉତ୍ତର ଦେଇ ନ ଥିବାରୁ, ମୁଁ ମୋର ନିଜସ୍ୱ ସ୍ଥାନକୁ ଫେରିଯିବା ପାଇଁ ପ୍ରସ୍ତୁତ ହେଉଥିଲି । କିନ୍ତୁ ତାଙ୍କୁ ଭିତରେ ପ୍ରବେଶ କରିବା ପାଇଁ ଅନୁମତି ଦେବାକୁ ସେ ମୋତେ ଅନୁରୋଧ କଲେ ଓ ଏହା ବୁଝାଇଲେ ଯେ ରାତ୍ରି ଯୋଗୁ ପଡ଼ୋଶୀମାନେ ହୁଏତ ପରିସ୍ଥିତିକୁ ଭୁଲ୍ ବୁଝିପାରନ୍ତି । ମୁଁ ଅନିଚ୍ଛୁକଭାବେ ତାଙ୍କୁ ଭିତରକୁ ଡାକିଥିଲି ।

ସେ ଆରମ୍ଭ କରିଥିଲେ, “ମୋର ପୁଅ ସାମ୍ । ମୁଁ ତୁମର ବନ୍ଧୁ, ପାଷ୍ଟର ଜେ.ଏସ୍.ଦାନିୟେଲ ଅଟେ । ମୁଁ ବହୁ ଦିନ ତଳେ ତୁମକୁ ଦେଖିଥିଲି । ତୁମେ ହୁଏତ ମୋତେ ଭୁଲି ଯାଇଛ । ମୁଁ ଏହି ସହରରେ ମୋର ପ୍ରଚାର କାର୍ଯ୍ୟ ଶେଷ କରି ମୋର ଗୃହକୁ ଫେରୁଥିଲି, ମାତ୍ର ମୋର ଶେଷ ବସ୍‌ଟି ଚାଲିଗଲା । ଟ୍ୟାକ୍ସି ଭଡ଼ା ପାଇଁ ମୋ’ ପାଖରେ ଟଙ୍କା ନାହିଁ କିମ୍ବା ଏହି ସହରରେ ରାତ୍ରି ଯାପନ ପାଇଁ କୌଣସି ସ୍ଥାନ ନାହିଁ । ଚେନ୍ନାଇର ମାଉଣ୍ଟ ରୋଡ୍‌ରେ ଚାଲୁଥିବା ସମୟରେ, ଈଶ୍ୱର ମୋ’ ସହିତ କଥା କହିଥିଲେ ଓ ଆଜି ରାତ୍ରିରେ ତୁମକୁ ଖୋଜିବା ପାଇଁ ସ୍ପଷ୍ଟଭାବରେ ନିର୍ଦ୍ଦେଶ

ଦେଇଥିଲେ । ତୁମେ ଏହି ସ୍ଥାନ ଛାଡ଼ି ଯାଅ ନାହିଁ । ଏହା ଭାବ ନାହିଁ ଯେ ତୁମର ଆହ୍ୱାନକର୍ତ୍ତା ଈଶ୍ୱର ନୀରବ ରହିଛନ୍ତି । ସେ ଏକ ଉତ୍କୃଷ୍ଟତର ଭବିଷ୍ୟତ୍ ପାଇଁ ତୁମକୁ ପ୍ରସ୍ତୁତ କରୁଛନ୍ତି । ସେ ତୁମକୁ ତୁମ ଜୀବନରେ କିଛି ମହତ୍ ବିଷୟ ସାଧନ କରିବା ପାଇଁ ତୀକ୍ଷ୍ଣ କରୁଛନ୍ତି । ତୁମେ ଯେପରି ବିଶ୍ୱାସ କରୁଛ, ସେହିପରି ସେ ନୀରବ ନୁହଁନ୍ତି । ମନେରଖନ୍ତୁ, **''ଯିରୂଶାଲମଠାରୁ ସଦାପ୍ରଭୁଙ୍କ ବାକ୍ୟ ନିର୍ଗତ ହେବ'' (ଯିଶାଇୟ ୨:୩, ମୀଖା ୪:୨)** । ଏହି ସହର ତୁମର ଯିରୂଶାଲମ ଅଟେ । ସେଥିପାଇଁ, ଏହି ସହରକୁ ଛାଡ଼ି ଯାଆନ୍ତୁ ନାହିଁ ।''

ତାଙ୍କ କଥା ମାନିବା ବ୍ୟତୀତ ମୋ' ପାଖରେ ଅନ୍ୟ କୌଣସି ପନ୍ଥା ନ ଥିଲା ଓ ମୁଁ ପ୍ରଭୁଙ୍କ ପ୍ରେମ ଅନୁଭବ କରିଥିଲି ଓ ମୋ' ପରି ଜଣେ ଦୀନହୀନ ଦାସର ଜୀବନରେ ସେ କରିଥିବା ଆଶ୍ଚର୍ଯ୍ୟ କାର୍ଯ୍ୟ ଦେଖିଥିଲି । ମୁଁ ଉଭୟ ପାଷ୍ଟର ଦାନିୟେଲ ଓ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରୁ କ୍ଷମା ମାଗିଥିଲି । ଏହାପରେ ମୁଁ ମୋର ସେବାକାର୍ଯ୍ୟ ଅବ୍ୟାହତ ରଖିଥିଲି । ଈଶ୍ୱର ମୋତେ ଆଶୀର୍ବାଦ କରିଥିଲେ । କିଛି ମାସ ପରେ, ସେ ମୋତେ ଅନ୍ୟ ଏକ ସ୍ଥାନରୁ କଢ଼ାଇ ନେଇଥିଲେ ଯେଉଁଠାରେ ମୁଁ ଜଣେ ସଫଳ ସେବକ ହୋଇଥିଲି ।

ପ୍ରିୟ ବନ୍ଧୁ, ଆପଣ କ'ଣ ଭାବୁଛନ୍ତି ଯେ ଯେଉଁ ପ୍ରଭୁ ଆପଣଙ୍କୁ ଆହ୍ୱାନ କରିଛନ୍ତି, ସେ ଆପଣଙ୍କୁ ଭୁଲି ଯାଇଛନ୍ତି ? ଆପଣ କ'ଣ ଏହା ବିଶ୍ୱାସ କରୁଛନ୍ତି ଯେ ଆପଣଙ୍କର ଅଭିବୃଦ୍ଧି ଏତେ ଧୀର ହୋଇଯାଇଛି ଯେ ଆପଣଙ୍କ ବୃତ୍ତିକୁ ପରିବର୍ତ୍ତନ କରିବା କିମ୍ବା ଅନ୍ୟ ସ୍ଥାନକୁ ଯିବା ବରଂ ଶ୍ରେୟସ୍କର ହେବ ? ନା, ଆପଣ ଯିବା ଉଚିତ୍ ନୁହେଁ । ଯେଉଁ ପ୍ରଭୁ ଆପଣଙ୍କୁ ଆହ୍ୱାନ କରିଛନ୍ତି, ସେ ବିଶ୍ୱସ୍ତ ଅଟନ୍ତି । ଯଦିଓ ଆପଣ ସବୁକିଛି ହରାଇଛନ୍ତି, ତଥାପି ଏ ପର୍ଯ୍ୟନ୍ତ ଆପଣଙ୍କ ଭବିଷ୍ୟତ୍ ରହିଅଛି । ସେଥିପାଇଁ ଗୋଟିଏ ଆଶ୍ଚର୍ଯ୍ୟକର୍ମ ପାଇଁ ତାଙ୍କଠାରେ ବିଶ୍ୱାସ କରନ୍ତୁ – ଆପଣଙ୍କ ଜୀବନରେ କିଛି ଉତ୍ତମ ବିଷୟ ଘଟିବା ସୁନିଶ୍ଚିତ ଅଟେ । **''ସଦାପ୍ରଭୁଙ୍କର ଅନୁସରଣ କର, ବଳବାନ୍ ହୁଅ ଓ ତୁମ୍ଭର ଅନ୍ତଃକରଣ ସାହସିକ ହେଉ, ହଁ, ତୁମ୍ଭେ ସଦାପ୍ରଭୁଙ୍କର ଅନୁସରଣ କର''** (ଗୀତସଂହିତା ୨୭:୧୪) ।

************

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

**''ଏଣୁ ଯେ ଆପଣାକୁ ସ୍ଥିର ବୋଲି ମନେକରେ, ସେ ଯେପରି ପତିତ ନ ହୁଏ, ଏଥି ନିମନ୍ତେ ସେ ସାବଧାନ ହେଉ'' (୧ କରିନ୍ଥୀୟ ୧୦:୧୨)** ।

*ପ୍ରିୟ ବନ୍ଧୁଗଣ,*

ଯେଉଁ ମେଷପାଳକ ହଜିଯାଇଥିବା ଗୋଟିଏ ମେଷକୁ ଖୋଜନ୍ତି, ତାଙ୍କୁ ମୁ ଗଭୀର ଭାବେ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଅନେଶ୍ୱତଙ୍କ ଉପରେ ତାଙ୍କର ଦୃଢ଼ ପ୍ରତ୍ୟୟ ନିମନ୍ତେ ମୁଁ ତାଙ୍କ ପ୍ରତି କୃତଜ୍ଞ ମଧ ଅଟେ । ଯଦିଓ ସେମାନେ ସୁରକ୍ଷିତ ଅଛନ୍ତି, ତଥାପି ଏକ ଭୁଲ୍ ନିରାପତ୍ତାର ଅନୁଭବ ମଧରେ ପତିତ ନ ହେବା ପାଇଁ ଯୀଶୁ ଖ୍ରୀଷ୍ଟ ସେମାନଙ୍କୁ ଆହ୍ୱାନ ଜଣାନ୍ତି । ସେମାନେ ଏହା ଚିହ୍ନିବା ଆବଶ୍ୟକ ଯେ ପଲ ମଧରେ ସେମାନଙ୍କ ସ୍ଥାନ ଏକ ଦାନ ଅଟେ – ଏହି ଦାନକୁ ଧରି ରଖିବା ପାଇଁ ନମ୍ରତା ଓ ନିରନ୍ତର ଅନୁତାପ ଆବଶ୍ୟକ ହୁଏ । ସେମାନଙ୍କର ଭୂମିକା ହେଉଛି ଏପରି ଏକ ସ୍ମାରକ ଭାବରେ କାର୍ଯ୍ୟ କରିବା ଯେ ବିଶ୍ୱସ୍ତମାନେ ମଧ ନିରବଚ୍ଛିନ୍ନ ନୂତନୀକରଣ ଓ ଈଶ୍ୱରଙ୍କ ଅନୁଗ୍ରହ ଉପରେ ନିର୍ଭରଶୀଳତା ଆବଶ୍ୟକ କରନ୍ତି ।

ଅନେଶ୍ୱତ ଜଣ ସେହି ହଜି ଯାଇଥିବା ଜଣଙ୍କ ପାଇଁ ପ୍ରାର୍ଥନା କରିବା ଆବଶ୍ୟକ ।

************

**URGENT NEED for CHRISTIAN OFFICE**

**1. COMPUTER OPERATORS**

**2. PRINTING PRESS OPERATORS**

**Contact : (+91) 98412 71858, E.mail : sam@echoofhiscall.org**

**NOTICE**

Please store the Mobile Phone numbers (+91) 98410 71858, (+91) 98412 71858 of Pastor S. Sam Selva Raj on your mobile phones.

- Editor

## ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଦୈନିକ ଉପାସନାର ପ୍ରତିକ୍ରିୟାଗୁଡ଼ିକ

LIKE COMMENT


ଭାଇ ଶଶି ତିୱାରୀ


ଭଉଣୀ ମେରୀ ସୁଶାନ୍


ଭାଇ ଷ୍ଟିଫେନ ରମଣ


ଭାଇ ଶାଉଲ ବେଞ୍ଜାମିନ୍ ସିନ୍ଦେ

**୧. ଭାଇ ଷ୍ଟିଫେନ୍ ରମଣ, ଦକ୍ଷିଣ ଆଫ୍ରିକା**

ବାଃ, ଆଜି ସକାଳେ କେତେ ଶକ୍ତିପୂର୍ଣ୍ଣ ବାର୍ତ୍ତା, ମୁଁ ପ୍ରକୃତରେ ଆଶୀର୍ବାଦ ପାଇଛି ।

**୨. ଭାଇ ଶଶି ତିୱାରୀ, ମୁମ୍ବାଇ**

ଉତ୍ସାହପ୍ରଦ ଉପାସନା ପାଇଁ ଧନ୍ୟବାଦ । ଉପାସନା ଓ ବ୍ୟାଖ୍ୟାକାରୀଙ୍କ ନିମନ୍ତେ ଦୈନିକ ପ୍ରାର୍ଥନା କରୁଛି ।

**୩. ଭାଇ ଶାଉଲ ବେଞ୍ଜାମିନ୍ ସିନ୍ଦେ, ପାଲଘର୍**

ପାଷ୍ଟର, ପ୍ରଭୁଙ୍କର ପ୍ରଶଂସା ହେଉ । ମୁଁ ନିୟମିତ ଭାବେ ୟୁ-ଟ୍ୟୁବ୍‌ରେ ଆପଣଙ୍କର ବାର୍ତ୍ତାକୁ ଦେଖୁଛି । ଆପଣଙ୍କ ବାର୍ତ୍ତା ମାଧ୍ୟମରେ ଈଶ୍ୱର ମୋତେ ଆଶୀର୍ବାଦ କରୁଛନ୍ତି । ଈଶ୍ୱରଙ୍କ ଧନ୍ୟବାଦ । ଈଶ୍ୱର ଆପଣଙ୍କୁ ଅଧିକ ଆଶୀର୍ବାଦ କରନ୍ତୁ ।

**୪. ଭଉଣୀ ମେରୀ ସୁଶାନ୍, ଭାଇ ଜାଗ୍**

ପ୍ରଭାତକାଳୀନ ୟୁ-ଟ୍ୟୁବ୍ ବାର୍ତ୍ତା ପାଇଁ ଆପଣଙ୍କୁ ଧନ୍ୟବାଦ । ମୁଁ ବାସ୍ତବରେ ଆଶୀର୍ବାଦ ପାଉଅଛି ।

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍‌ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 19th MAY 2025.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**